# ବାଜିଲା ଚଇତି ବିଗୁଲ

ଚନ୍ଦ୍ରପୁର(ଡି.ଏନ.ଏ.)/ରାୟଗଡ଼ା (ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୨।୧

- ଚଇତି ପୋଷ୍ଟର ଉନ୍ମୋଚିତ, ଗଡ଼ିଲା ପ୍ରଚାର ରଥ
- ମିନାଝୋଲାକୁ 'ଆର୍ଟ ଆଣ୍ଡ କ୍ରାଫ୍ଟ' ଗ୍ରାମର ମାନ୍ୟତା ମିଳୁ: ସପ୍ତଗିରି
- ଶୈବପୀଠର ବିକାଶ ନେଇ ପଦକ୍ଷେପ ନିଆଯିବ: ମନ୍ତ୍ରୀ

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' ପାଳନ ନେଇ ସୋମବାର ବିଗୁଲ ବାଜିଛି। ଜାନୁୟାରୀ ୧୮ ରୁ ୨୨ ପର୍ଯ୍ୟନ୍ତ ମହୋତ୍ସବ ପାଳନ ହେବାକୁ ଥିବାବେଳେ ରାୟଗଡ଼ାର ତ୍ରିବେଣୀ ସଙ୍ଗମ ରୂପେ ପରିଚିତ ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ମିନାଝୋଲା


ଚଇତି ଉପଲକ୍ଷେ ବାହାରିଥିବା କଳସ ଶୋଭାଯାତ୍ରା ।

(ଶୈବପୀଠ) ନିକଟରୁ ମହୋତ୍ସବର ପ୍ରକ୍ରିୟା ଶୁଭାରମ୍ଭ ହୋଇଛି। ଚିରସ୍ରୋତା ବଂଶଧାରା, ଫଳଫଳିଆ, ଚାଉଳଧୂଆ ନଦୀର ମିଳନସ୍ଥଳ ମିନାଝୋଲାରୁ ଗଙ୍ଗା ଆବାହନ କରାଯିବା ସହ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଛି। ଚଇତିର ବହୁଳ ପ୍ରଚାର ପ୍ରସାର ନିମନ୍ତେ ପ୍ରଶାସନ ପକ୍ଷରୁ ଚଇତି ରଥ ଶୁଭାରମ୍ଭ କରାଯାଇଛି। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୀନକେତନେଶ୍ୱର ଶୈବପୀଠରେ ଅବସ୍ଥାପିତ ଜନକଲ୍ୟାଣ ଆଶ୍ରମ ଦ୍ୱାରା ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ତଥା ଜିଲାପାଳ ସ୍ୱଧା ଦେବ ସିଂ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୀନକେତନେଶ୍ୱରଙ୍କ ନିକଟରେ ପୂଜାର୍ଚ୍ଚନା କରିବା ଚଇତି ରଥ ଶୁଭାରମ୍ଭ କରିଥିଲେ।

ଗଙ୍ଗା ଆବାହନ, କଳସ ପୂଜା ଏବଂ ଚଇତି ରଥ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ନୂତନ ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷା କଏନ କିମ୍ବାକାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷା ମଞ୍ଚାସୀନ ଥିଲେ। ୧୮ରୁ ରାୟଗଡ଼ା ଜିସିଡି ପଡ଼ିଆ ଠାରେ ହେବାକୁ ଥିବା ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାକୁ ସରସ ଏବଂ ସୁନ୍ଦର କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ମନ୍ତ୍ରୀ ଏଠାରେ ମିନାଝୋଲା ଶୈବପୀଠର ଅଧିକ ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେହିପରି ଏମ୍‌ପି ଉଲାକା ମିନାଝୋଲାକୁ 'ଆର୍ଟ ଆଣ୍ଡ କ୍ରାଫ୍ଟ' ଗ୍ରାମର ମାନ୍ୟତା ଦେବାକୁ ପ୍ରସ୍ତାବ ଦେଇଥିଲେ। ମନ୍ତ୍ରୀଙ୍କ ସମେତ ଜିଲାର


ଚଇତି ପ୍ରଚାର ରଥ ।

ସମସ୍ତ ବିଧାୟକ ଓ ଜନପ୍ରତିନିଧି ଉଦ୍ୟମ କଲେ ଏହି ଶୈବପୀଠ ଏବଂ ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ସେ କହିଛନ୍ତି। ବିଶେଷକରି ଗୁଣପୁର-ଥେରୁବାଲି ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଜିଲାର ଆହୁରି ବିକାଶ ହୋଇପାରିବ ବୋଲି ଏମ୍‌ପି ଉଲାକା ଏଠାରେ କହିଥିଲେ। ଏହାପରେ ଅତିଥିମାନେ 'ଚଇତି' ପୋଷ୍ଟର ଉନ୍ମୋଚନ କରିଥିଲେ। ବିଭିନ୍ନ ବ୍ଲକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କ୍ରୀୟାଯୋଗୀ ଜନକାନନ୍ଦ ଗିରି, ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, କେତକୀ ଗମାଙ୍ଗ, ବିଏସ୍‌କେଓ୍ୱାଇ ଉପଦେଷ୍ଟା ସୁଧୀର ଦାସ, ମିଟ୍‌ସ କଲେଜ ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ଅଶୋକ ତ୍ରିପାଠୀ, ଭାରତୀ ଦେବୀ, ବିଡିଓ ନରସିଂହ ଚରଣ ସେଠୀ, ଜିଲା ସଂସ୍କୃତି ସଂଯୋଜକ ପ୍ରଦୀପ ମାଳବିଶୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜିଲାପାଳ ସ୍ୱଧାଦେବ ସିଂ ଓ ଅନ୍ୟ ଅତିଥିମାନେ ପୂଜାର୍ଚ୍ଚନା କରୁଛନ୍ତି ।


ଅତିଥିମାନେ ଚଇତି ପୋଷ୍ଟର ଉନ୍ମୋଚନ କରୁଛନ୍ତି ।


କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ବିଜେଡିର ଶୁଭେଚ୍ଛା ପୋଷ୍ଟରକୁ ନେଇ ଚର୍ଚ୍ଚା



ଗୁଣପୁର,୧।୧(ଡି.ଏନ.ଏ.)- ଗୁଣପୁରରେ ନୂଆ ବର୍ଷର ଶୁଭେଚ୍ଛା ରାଜନୀତି ସରଗରମ ହୋଇଛି। ବିଜେଡିଠାରୁ ଆରମ୍ଭ କରି ସ୍ୱାଧୀନ ଏବଂ ଅନ୍ୟ ଦଳ ପକ୍ଷରୁ ସହରର ବିଭିନ୍ନ ସ୍ଥାନ ଏବଂ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ଦେଖିବାକୁ ମିଳିଛି। ସହରର ବିଭିନ୍ନ ଛକ ମାନଙ୍କରେ ବଡ଼ ହୋର୍ଡିଂ ଲାଗିଛି। ତେବେ ଏଠାରେ ବିଜେଡି ପକ୍ଷରୁ ଲଗାଯାଇଥିବା ହୋର୍ଡିଂକୁ ନେଇ ଗୁଣପୁରରେ ଚର୍ଚ୍ଚାର ବିଷୟ ହୋଇଛି। ହୋଡିଂରେ ଜିଲାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କ ଫଟୋ ନାହିଁ ଏହାକୁ ନେଇ ଗୁଣପୁର ରାଜନୀତି ପାଣିପାଗ ସରଗରମ ହୋଇଛି। ଦଳ ପକ୍ଷରୁ ଲଗାଯାଇଥିବା ହୋର୍ଡିଂରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟର ବରିଷ୍ଠ ନେତା, ଜିଲା ନେତୃବୃନ୍ଦଙ୍କ ସମେତ ଜିଲାର ମନ୍ତ୍ରୀ, ପ୍ରଭାରୀ, ସାଙ୍ଗଠନିକ ସମ୍ପାଦକ, ବିଧାୟକ ଏବଂ ଯୁବନେତାଙ୍କ ଫଟୋ ରହିଛି। ହେଲେ ଜିଲାର ବରିଷ୍ଠ ନେତା ଭାସ୍କର ରାଓଙ୍କ ଫଟୋ ନ ରହିବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦଳରେ ମତଭେଦ ପାଇଁ ଏପରି ହୋଇଛି ନା ଅନ୍ୟ କୌଣସି କାରଣ ତାହା ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

### ୧୨ ତମ ସାଇ ମହୋତ୍ସବ ପାଳିତ

ମାଲକାନଗିରି,୨।୧(ଡି.ଏନ୍.ଏ.)- ମାଲକାନଗିରି ସଦର ସ୍ଥିତ ଶିରିଡ଼ି ସେବା ସମିତି ପକ୍ଷରୁ ୧୨ତମ ସାଇ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ପାତ୍ରଗୁଡ଼ା ସାଇ ମନ୍ଦିର ପରିସରରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରଥମେ କାକଡ଼ ଆଳତୀ ପରେ ଏକ ବିରାଟ କଳସ ଯାତ୍ରା ଆୟୋଜିତ ହୋଇଥିଲା। ମନ୍ଦିରରେ କଳସ ଗୁଡ଼ିକ ପହଞ୍ଚିବା ପରେ ସାଇ ଅଭିଷେକ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରଦ୍ଧାଳୁ ସେମାନଙ୍କର ମନୋସ୍କାମନା ଅନୁଯାୟୀ ବିଭିନ୍ନ ସାମଗ୍ରୀରେ ସାଇବାବାଙ୍କୁ ଅଭିଷେକ କରିଥିଲେ। ଏଥିସହ ସୂର୍ଯ୍ୟପୂଜା, ସୋଡ଼ଷ ପୂଜା ଏବଂ ହୋମ ଆୟୋଜନ ହୋଇଥିଲା। ମଧାହ୍ନ ଆଳତୀ ପରେ ପ୍ରସାଦ ସେବନରେ ୩୦୦୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାପରେ ଏକ ବିଶାଳ ପାଲିଙ୍କି ଯାତ୍ରାରେ ବାବାଙ୍କୁ ସହର ପରିକ୍ରମା କରାଯାଇଥିଲା। ଏହି ଅବସରରେ ଅନିଲ ମହାପାତ୍ରଙ୍କ ନେତୃତ୍ୱରେ ଭକ୍ତି ସଙ୍ଗୀତ ଓ ଭଜନ ପରିବେଷଣ କରାଯାଇଥିଲା।



ସନ୍ଧ୍ୟା ଆଳତୀ ପରେ ଶେଯ ଆଳତୀ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସମିତିର ସଭାପତି ଶଶାଙ୍କ ମିଶ୍ର, ସମ୍ପାଦକ ସାଇ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଦୀର୍ଘ ଦୁଇବର୍ଷ ପରେ ସାଇ ମହୋତ୍ସବ ମହା ଆଡମ୍ବର ସହକାରେ ପାଳନ ହୋଇଥିଲା।

# ମୃତଦେହ ରଖି ଧାରଣା ଦେଲେ ପରିବାର ସଦସ୍ୟ

- ଶିଶୁ ମନ୍ଦିର ଶିକ୍ଷକଙ୍କୁ ହତ୍ୟା ଘଟଣା
- ନ୍ୟାୟ, କ୍ଷତିପୂରଣ ଦାବି

ମାଲକାନଗିରି,୨।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ରବିବାର ପିଅନଙ୍କ ଟାଙ୍ଗିଆ ଚୋଟରେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ସୋମବାର ମୃତ ଶିକ୍ଷକ ନିରାକର ସେଠୀଙ୍କ ପରିବାର ସଦସ୍ୟ ନ୍ୟାୟ ଏବଂ କ୍ଷତିପୂରଣ ଦାବିକରି ମୃତଦେହ ବିଦ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦେଖା ନ ଥିବା ବେଳେ ଶିକ୍ଷକଙ୍କ ପରିବାର ଲୋକେ ଭରଣପୋଷଣ, ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ସ୍ତ୍ରୀଙ୍କୁ ଚାକିରି


ପରିବାର ସଦସ୍ୟ ସ୍କୁଲ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ଦେବାପାଇଁ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଗେଟ୍ ସମ୍ମୁଖରେ ରଖି ଅହରହ ଧାରଣା ଜାରି ରଖିବେ ବୋଲି ନିରାକାରଙ୍କ ସମ୍ପର୍କୀୟ ଅନିତାରାଣୀ ସେଠି, ପ୍ରଜ୍ଞାନୀ ସେଠି, ସୁବ୍ରତ ସେଠି ଚେତାବନି ଦେଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷକଙ୍କ ହତ୍ୟା ଘଟଣାରେ କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ସୋମବାର ମାଲକାନଗିରିରେ ପହଞ୍ଚି ଶିଶୁ ମନ୍ଦିର ପରିସରରେ ଯାଞ୍ଚ କରିଛି।

# ଦିବ୍ୟ ଦର୍ଶନ ସଂଘର ଦିବ୍ୟ ମିଳନ

ପଦ୍ମପୁର,୨।୧(ଡି.ଏନ୍.ଏ.)



ନୂତନ ବର୍ଷ ଅବସରରେ ଦିବ୍ୟ ଦର୍ଶନ ସଂଘ ଗୁଡ଼ିଆବନ୍ଧ ଶାଖା ଆନୁକୂଲ୍ୟରେ ଡକାଶିଙ୍ଗୁଲା ନିକଟ ଆମ୍ବ ତୋଟାରେ ରବିବାର ଦିବ୍ୟ ମିଳନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅଞ୍ଚଳର୧ ହଜାରରୁ ଉର୍ଦ୍ଧ୍ୱ ଶିଷ୍ୟାଶିଷ୍ୟ ଯୋଗ ଦେଇଥିଲେ। ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଓଁକାର ଧ୍ୱନି, ଗୁରୁବନ୍ଦନା, ପ୍ରାରମ୍ଭିକ ପ୍ରାର୍ଥନା ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିଷ୍ୟାଶିଷ୍ୟ ମାନେ ନିର୍ଗୁଣ ତତ୍ତ୍ୱ ସମ୍ବଳିତ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପ୍ରତିନିଧି ଲାଡି ନାଗେଶ୍ୱର ଭାଇ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଟି. ନିରଞ୍ଜନ ଭାଇ ଓ କେନ୍ଦ୍ରୀୟ କମିଟି ସଦସ୍ୟ ପୂଜ୍ୟ ବାସିନୀ ଭୂଜଙ୍ଗ ଯୋଗଦାନ କରିଥିଲେ। ଅଞ୍ଚଳରେ ଦିବ୍ୟ ଦର୍ଶନର ଭାବ ବିଚାରକୁ ପ୍ରଚାର ପ୍ରସାର କରି ବ୍ୟାପକ କରୁଥିବା ୩୫ ଶିଷ୍ୟାଶିଷ୍ୟଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଅଭ୍ୟାସ ଟେକ୍ନୋ ସ୍କୁଲ ପକ୍ଷରୁ ଅତିଥିଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ନୂତନ ବର୍ଷରେ ନୂଆ ଉଦ୍ଦିପନାର ସହ ଦିବ୍ୟ ଭାବ ବିଚାରକୁ ପ୍ରଚାର ପ୍ରସାର କରି ଦିବ୍ୟ ଦର୍ଶନକୁ ଲୋକାଭିମୁଖୀ କରାଇବାକୁ ସଙ୍କଳ୍ପ ନିଆଯାଇଥିଲା। ଦିବ୍ୟ ଦର୍ଶନର ପ୍ରଚାର ପ୍ରସାର ନିମନ୍ତେ ସମସ୍ତେ ନିଜ ନିଜ ମତ ରଖିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ବି. ଭୂଜଙ୍ଗ ଭଲ କାମରେ ସଦା ଲାଗି ରହିବାକୁ ପ୍ରବଚନ ମାଧ୍ୟମରେ ପ୍ରେରଣା ଦେଇଥିଲେ। ନିରଞ୍ଜନ ଭାଇ ସମସ୍ତଙ୍କୁ ସଦ୍‌ଜ୍ଞାନ ଶିକ୍ଷା କରି ଅନ୍ୟମାନଙ୍କ ଭିତରେ ତାହା ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ କାର୍ଯ୍ୟକ୍ରମ ଗୁଡ଼ିଆବନ୍ଧ ଶାଖା ସଭାପତି ଲାଡି. ଉଦୟ ଶଙ୍କର, ଉପସଭାପତି ଉଦୟ ଶବର, ସମ୍ପାଦକ ଜନାର୍ଦ୍ଦନ ସେନାପତି ଓ ସୋମନାଥ ସାହୁ, ଉଦୟ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଉତ୍ତମ ତ୍ରିପାଠୀ, କେଶବ ଶବର, ପଦ୍ମନାଭ ଶବର, ମାଝି ଶବର, ହରିହର ସ୍ୱାଇଁ ପ୍ରମୁଖ ସଦସ୍ୟ ଆୟୋଜନ କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇଥିଲା।

# ସ୍ମାର୍ଟ କିଡ୍‌ସ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗୁଣପୁର,୨।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କାନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ସ୍ମାର୍ଟ କିଡ୍‌ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬ ବର୍ଷରୁ କମ୍ ବୟସର ଶିଶୁ ଭାଗନେଇ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗ ଦେଇଥିବା ସସ୍ମିତା ପଣ୍ଡା, ସ୍ୱିଟିରାଣୀ ସାହୁ ପିଲାଙ୍କ ସ୍ମାର୍ଟନେସ୍, ବୁଦ୍ଧି, ପୋଷାକ, ନୃତ୍ୟ ଓ ସଙ୍ଗୀତ ଗାନ ଆଦିକୁ ପରଖି ସେମାନଙ୍କୁ ନମ୍ବର ଦେଇଥିଲେ। ଉତ୍ସବ କମିଟି ପକ୍ଷରୁ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ଉପହାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ, ପ୍ରଶାନ୍ତ କୁମାର ହୋତା ପ୍ରମୁଖ ପରିଚାଳନା କରିଥିବା ବେଳେ ଉତ୍ସବ କମିଟିର ସଭାପତି ଅକ୍ଷୟ ଦାସ, ସମ୍ପାଦକ ରଞ୍ଜିତ ପାଢ଼ି, ରାଜେଶ ପାଢ଼ି, କ୍ରୀଡ଼ା ପରିଷଦ ସମ୍ପାଦକ ସପନ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।


ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ।

# ଆର୍‌ସିସି ଦଳ ଡିକେଡିଏନ୍‌ୟୁ ଚାମ୍ପିୟନ

ଚନ୍ଦାହାଣ୍ଡି, ୨।୧(ଡି.ଏନ୍.ଏ.)

ପଡୋଶୀ ଛତିଶଗଡ ଗରିଆବନ୍ଧ ଜିଲା ଦେଓଭୋଗ ବ୍ଲକ ଅଧୀନ ଦହିଗାଁ, କଷ୍ଟମକାନି, ଦବନେଇ,ନୂଆଗୁଡା ଓ ଉପରପିଠା ପକ୍ଷରୁ ଜୟ ଭବାନୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ମା ଭଣ୍ଡାରୁଣୀ ଷ୍ଟାଡିୟମରେ ଆୟୋଜିତ ଡ଼ିକେଡ଼ିଏନୟୁ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ରୟାଲ କ୍ରିକେଟ କ୍ଲବ(ଆରସିସି) ଚମ୍ପିୟାନ ହୋଉଛି । ଫାଇନାଲ ମ୍ୟାଚ ଆରସିସି ବନାମ କଣ୍ଟାବାଞ୍ଜି(ହାପି କ୍ଲବ) ମଧ୍ୟରେ ଖେଳାଯାଇଥିଲା। ଏଥିରେ କଣ୍ଟାବାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ୯. ୪ ଓଭରରେ ମାତ୍ର ୫୦ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ୫୧ ରନର ସହଜ ବିଜୟ ଲକ୍ଷ୍ୟକୁ ପିଛାକରି ଆରସିସି ଦଳ ଗୌରଭଙ୍କ ବିସ୍ଫୋରକ ୩୫ ରନ ସହାୟତାରେ ମାତ୍ର ୪. ୨


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଓଭରରେ ହାସଲ କରି ଚାମ୍ପିୟାନ ହୋଇଛି। ଏହି ପ୍ରତିଯୋଗିତାରେ ଛତିଶଗଡ ଓ ଓଡିଶାର ୧୬ଟି ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥିଭାବେ ବିନ୍ଦ୍ରାନବାଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ସିଂ ମାଝି ଯୋଗଦେଇଥିଲେ। ସାମ୍ମାନିତ ଅତିଥିଭାବେ ଦେଶବନ୍ଧୁ ନାୟକ, ଅମିତ ଅବସ୍ଥି, ଧନମତି ଯାଦବ, ମହମ୍ମଦ ଅସଲାମ, ଗୋବିନ୍ଦ ରେଗେ, ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ସରପଞ୍ଚ ଅଜିତ କୁମାର ପୋଟା, ସ୍ଥାନୀୟ ସରପଞ୍ଚ ଖଗେଶ୍ୱର ନାଗେଶ, କାର୍ତ୍ତିକ ଯାଦବ ପ୍ରମୁଖଙ୍କ ସହ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ବିଜେତା ଦଳକୁ ୫୫,୫୫୫ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୩୩, ୩୩୩ ଟଙ୍କା ସହ ଟ୍ରଫି ଦିଆଯାଇଛି। ସର୍ବଶେଷ୍ଠ ପ୍ରଦର୍ଶନ ପାଇଁ ଆରସିସି ଦଳର ଅଧିନାୟକ ରୁଦ୍ର ବାଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ ପୁରସ୍କାର ମିଳିଛି। ଫାଇନାଲ ମ୍ୟାଚରେ ବିପିନ ସୋନୱାନୀ ଓ କମଳ ନେତାମ ଅମ୍ପାୟାର, ଶୈଳେଶ ନାୟକ, ବସନ୍ତ ନାଗେଶ ସ୍କୋରର ଓ ତେଜରାଜ ଠାକୁର ଓ ଦୀପକ ସୋନୱାନୀ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ମାନସିଂ ମର୍କାମ, ଟିକେଶ୍ୱର ନାଗେଶ, କେଶବ ନାଗେଶ, ଫାଲେସ ନାୟକ ପ୍ରମୁଖ ସହଯୋଗ କରିଥଲେ। ମ୍ୟାଚ ଦେଖିବାକୁ ଛତିଶଗଡ ଓ ଚନ୍ଦାହାଣ୍ଡି ଅଞ୍ଚଳରୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା ।

